# Akashvani, Sambalpur

# SAMBALPURI NEWS BULLETIN

## 25 March 2024- 6.47- 6.52 am.

*************************************************

ଭାରତୀୟ ଜନତା ପାର୍ଟି - ପ୍ରାର୍ଥୀ ଘୋଷ୍ନା

ଆର୍ଏନ୍ୟୁ / ସମ୍ବଲପୁର

ଭାରତୀୟ ଜନତା ପାର୍ଟି ଓଡ଼ିଶାର୍ ୧୮ ଟା ଲୋକ୍ସଭା ଆସନ୍ ଲାଗି ଦଲର୍ ପ୍ରାର୍ଥୀ ତାଲିକା ଘୋଷ୍ନା କରିଛେ । ଦଲ୍ର କେନ୍ଦ୍ରୀୟ ମୁଖ୍ୟାଲୟ ତରଫୁ ଜାରି ହେଇଥିବା ପ୍ରେସ୍ ବିବୃତି ଅନ୍ସାରେ ଧର୍ମେନ୍ଦ୍ର ପ୍ରଧାନ୍ ସମ୍ବଲ୍ପୁର୍ ଲୋକ୍ସଭା ଆସନ୍ ଭୋଟ୍ ଲଢ୍ବେ । ପଶ୍ଚିମ ଓଡ଼ିଶାର୍ ଲୋକ୍ସଭା ଆସନ୍ନୁ ମାନ୍କର୍ ଭିତ୍ରୁ ବର୍ଗଡ୍ ନୁ ପ୍ରଦୀପ୍ ପୁରୋହିତ, ସୁନ୍ଦର୍ଗଡ୍ ନୁ ଜୁଏଲ୍ ଓରାମ୍, ବଲାଙ୍ଗିର୍ନୁ ସଂଗୀତା କୁମାରୀ ସିଂହଦେଓ ଆର୍ କଲାହାଣ୍ଡି ନୁ ମାଲ୍ବିକା କେଶରୀ ଦେଓଙ୍କୁ ଭାରତୀୟ ଜନତା ପାର୍ଟି ଦଲୀୟ ପ୍ରାର୍ଥୀ କରିଛେ । ସେନ୍ତା ରାଜ୍ୟର୍ ବାକି ଲୋକ୍ସଭା ଆସନ୍ ମାନ୍କର୍ ଭିତ୍ରୁ ବାଲେଶ୍ୱର୍ନୁ ପ୍ରତାପ୍ ଚନ୍ଦ୍ର ଷଡ଼ଙ୍ଗୀ, କେନ୍ଦୁଝର୍ନୁ ଅନନ୍ତ ନାୟକ୍, ମୟୁର୍ଭଞ୍ଜ ନୁ ନବଚରଣ୍

ନାୟକ୍, ଭଦ୍ରକ୍ ନୁ ଅଭିମନ୍ୟୁ ସେଠୀ, ଢେଙ୍କାନାଲ୍‌ନୁ ରୁଦ୍ର ନାରାୟଣ୍ ପାଣି, ନବରଙ୍ଗ୍‌ପୁର୍‌ନୁ ବଳଭଦ୍ର ମାଝୀ, କେନ୍ଦ୍ରାପଡ଼ାନୁ ବୈଜୟନ୍ତ ପଣ୍ଡା, ଜଗତ୍‌ସିଂହପୁର୍‌ନୁ ବିଭୁ ପ୍ରସାଦ୍ ତରାଇ, ପୁରୀ ନୁ ସମ୍ବିତ୍ ପାତ୍ର, ଭୁବ୍‌ନେଶ୍ୱର୍‌ନୁ ଅପରାଜିତା ଷଡ଼ଙ୍ଗୀ, ଆସ୍କାନୁ ଅନୀତା ଶୁଭଦର୍ଶିନୀ, ବ୍ରହ୍ମପୁର୍‌ନୁ ପ୍ରଦୀପ୍ କୁମାର୍ ପାଣିଗ୍ରାହୀ ଆର୍ କୋରାପୁଟ୍‌ନୁ କାଲେରାମ୍ ମାଝୀ ଙ୍କୁ ଭାରତୀୟ ଜନତା ପାର୍ଟି ଦଲୀୟ ପ୍ରାର୍ଥୀ କରିଛେ । ରାଜ୍ୟର୍ ଆର୍ ୩ ଟା ଆସନ୍ କଟକ୍, କନ୍ଧମାଲ୍ ଆର୍ ଯାଜ୍‌ପୁର୍ ଲାଗି ବିଜେପି ପ୍ରାର୍ଥୀ ଘୋଷ୍‌ନା ବାକି ରହିଛେ ।

ଟିବି- ଟୀକା କ୍ଲିନିକାଲ୍ ପରୀକ୍ଷା ଏନ୍‌ଏସ୍‌ଡି

ଦେଶେ ସାବାଲକ୍‌ମାନ୍‌କର୍ ଲାଗି ଯକ୍ଷ୍ମା-ଟିବି ବେମାରୀର୍ ଟୀକାର କ୍ଲିନିକାଲ୍ ପରୀକ୍ଷା ମୁଲ୍ ହେଇଛେ । ଭାରତ୍ ବାୟୋଟେକ୍ ଇଂଟରନେସ୍‌ନାଲ୍- ସ୍ପେନ୍‌ର ଗୁଟେ କମ୍ପାନୀ ସାଙ୍ଗେ ମିଶିକରି ଇ ଟୀକା ବାହାର୍ କରିଛେ । କ୍ଲିନିକାଲ୍ ପରୀକ୍ଷାଥି ଟୀକା ଲୋକ୍‌ମାନ୍‌କର୍ ଲାଗି ସୁରକ୍ଷିତ୍ ଜନାପଡ୍‌ଲେ ଟିବି ବେମାରୀର୍ ନିରାକରଣ୍ ଦିଗେ ଇଟା ଗୁଟେ ବଡ୍ ପଦକ୍ଷେପ୍ ହେବା ।

ଏମ୍ବିବିଏସ୍ ଆର୍ ବିଡ଼ିଏସ୍ ବାଗିର୍ ଡାକ୍ତରୀ ପାଠ୍ୟକ୍ରମ୍ଥି ନାଁ ଲେଖାବାର୍କେ ନିଟ୍- ୟୁଜି ପରୀକ୍ଷା ଆଏବା ମେ ମାସର୍ ୫ ତାରିଖ୍ ଦିନ ହେବାର୍କେ ଯାଉଥିବାର୍ ବେଲେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଲାବେଲେ କାଣା ପିନ୍ଧିକରି ଆଏବେ ସେ ବାବ୍ଦେ ଗୁଟେ ନିର୍ଦ୍ଦେଶାବଲୀ ଜାରି କରାଯାଇଛେ । ସୂଚ୍ନା ଅନ୍ସାରେ ପୁରା ହାତର୍ ଡ୍ରେସ୍ ଆଉ ଜୁତା ପିନ୍ଧିକରି ଆଏବାର୍କେ ପରୀକ୍ଷାର୍ଥୀମାନ୍କୁ ମନା କରାଯାଇଛେ । ଯଦି କେହେନି ପରୀକ୍ଷାର୍ଥୀ ନିଜର୍ ସଂସ୍କୃତି ସାଙ୍ଗେ ଜୁଡ଼ି ହେଇକରି ଥିବା ଡ୍ରେସ୍ ପିନ୍ଧିକରି ଆଏବେ ତାହେଲେ ସେମାନ୍କୁ ଘଂଟେ ଆଘୋନୁ ପରୀକ୍ଷା କେନ୍ଦ୍ର ନ ପୁହୁଁଚିକରି କର୍ତ୍ତୃପକ୍ଷଙ୍କୁ ଜନାବାର୍କେ ପଡ୍ବା । ଇତାର୍ସଙ୍ଗେ ପରୀକ୍ଷାର୍ଥୀମାନେ କେହେନି ପ୍ରକାରର୍ ଲେଖା କାଗଜ୍, ପେନ୍ସିଲ୍, କାଲ୍କୁଲେଟର୍, ପେନ୍, ସ୍କେଲ୍, ମୋବାଇଲ୍, ହେଲ୍ଥ ବେଣ୍ଡ୍, ବେଲ୍ଟ, ଟୁପି, ହେଣ୍ଡବେଗ୍, ମନିପର୍ସ, କେହେନି ପ୍ରକାରର୍ ଘଡ଼ି, କେମ୍ରା, ଅଲ୍ଙ୍କାର୍ ପାଏନ୍ବୁତଲ୍ ଆର୍ ଖାଏବାର୍ ପେକେଟ୍ ନେଇକରି ପରୀକ୍ଷା କେନ୍ଦ୍ରକେ ଆସି ନାଇଁପାରନ୍ ବଲି କୁହାଯାଇଛେ । ଇଥର ନିଟ୍-

ୟୁଜି ପରୀକ୍ଷାର୍ ଲାଗି ଦେଶେ ୨୩ ଲାଖ୍ ୮୧ ହଜାର୍ ୮ ଶହ ୩୩ ଝନ୍ ଛାତ୍ରଛାତ୍ରୀ ପଞ୍ଜିକରଣ୍ କରିଥିବାର୍ ବେଲେ ସେମାନ୍‌କର୍ ଭିତ୍‌ରେ ଓଡ଼ିଶାର୍ ୬୫ହଜାର୍ ଛାତ୍ରଛାତ୍ରୀ ଅଛନ୍ ।

ଦୋଲପୂର୍ଣ୍ଣିମା          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ପବିତ୍ର ଫଗୁନ୍ ପୁନି । ଫଗୁନ୍ ପୁନିଥି ରାଏଜର୍ ଗାଁ ସହର୍ ସବୁଆଡ଼େ ମାହାପୁରୁମାନ୍‌କର୍ ମେଲଣ୍ କରାଯାଇଥିବାର୍ ବେଲେ ପଶ୍ଚିମ ଓଡ଼ିଶା ନ ଖାସ୍ ତିହାର୍ ଗୁଁଡ଼ିଖିଆ ମନାଯାଏସି । ଗୁଁଡ଼ିଖିଆଥି ରତୁର୍ ନୂଆଁ ଫଲ୍‌ଫୁଲ୍-ଆମ୍, ପଲ୍‌ସାଫୁଲ୍, ସର୍ଗିଫୁଲ୍, ମହୁଲ୍, ଚାର୍, ଚନା ଆର୍ ସାକର୍‌ପଟି ମାହାପୁରୁଙ୍କୁ ଭୋଗ୍ ଲଗେଇକରି ଗୁଁଡ଼ି ଖିଆ ଯାଏସି । ଇ ଉଲ୍‌ଗୁନେ ଠାନ୍ ଠାନ୍ ନାମଯଜ୍ଞ ହେଉଛେ ।

ପୁରୀ ଶ୍ରୀମନ୍ଦିର୍ ନ ଫଗୁନ୍ ପୁନି ଅବ୍‌ସରେ ଆଏଜ୍ ମାହାପୁରୁ ସୁନାବେଶଥି ସଜେଇ ହେବେ । ସଖାଲର୍ ୮ ନୁ ସାଢ଼େ ୯ ବଜା ଭିତ୍‌ରେ ମାହାପୁରୁମାନ୍‌କୁ ସୁନାବେଶଥି ସଜାଯିବା । ତାର୍ ଉତ୍‌ରୁ ଭକ୍ତମାନେ ରାତି ୧୦ ବାଜିକରି ୩୫ ମିନିଟ୍‌ତକ୍ ମାହାପୁରୁଙ୍କର୍ ଦର୍ଶନ୍ କର୍‌ବାର୍ ସୁଯୋଗ୍ ପାଏବେ । ଇତାର୍‌ସଙ୍ଗେ ମାହାପୁରୁଙ୍କର୍ ଚଲନ୍ତି ବିଗ୍ରହ ଶ୍ରୀଦୋଲଗୋବିନ୍ଦ, ଭୂଦେବୀ ଆର୍ ଶ୍ରୀଦେବୀଙ୍କୁ ବିମାନ୍‌ଥି ଦୋଲମଣ୍ଡପ୍ ନ ବିଜେ

କରାଯିବା । ସେନ ମାହାପୁରୁମାନେ ଭକ୍ତମାନ୍‌କର୍ ସଙ୍ଗେ ହୋଲି ଖେଲ୍‌ବେ ।

ସେନ୍ତା ରାଜ୍ୟର୍ ବାକିଆଡ଼େ ଫଗୁନ୍ ପୁନିଥି ମାହାପୁରୁମାନ୍‌କୁ ସଜେଇକରି ଦୋଲ ବିମାନ୍‌ଥି ଗାଁ ବୁଲାଯାଏସି । ଗାଁ ନ ଲୋକ୍‌ମାନେ ମେଲଣଥି ମେଲ୍ ହେଇକରି ମେଲଣ ପଡ଼ିଆନ ପୁହୁଁଚିବାର୍ ଉତ୍‌ରୁ ଫଗୁ ଖେଲ୍‌ସନ୍ । ଦୋଲ ବେଦୀ ମାନ୍‌କେ ମାହାପୁରୁଙ୍କର୍ ନ ପାଞ୍ଜି ପଢ଼ାଯିବାର୍ ପରମ୍ପରା ରହିଛେ ।

ହାସ୍ୟକବି ସମ୍ମେଳନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ଫଗୁନ୍ ପୁନି ଆର୍ ଆଏବା କାଏଲ୍ ହୋଲି ମନାଯାଉଥିବାର୍ ବେଲେ ସମ୍ବଲ୍‌ପୁରର୍ ଓଡ଼ିଶା ସାଂସ୍କୃତିକ୍ ସମାଜ୍ ତର୍‌ଫୁ ଗଲାକାଏଲ୍ ସଞ୍ଜ୍‌ବେଲା ହାସ୍ୟକବି ସମ୍ମେଳନ୍ ହେଇଯାଇଛେ । ହାସ୍ୟକବି ଜ୍ଞାନ ହୋତାଙ୍କର୍ ସଂଯୋଜନାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ହାସ୍ୟକବି ଶାନ୍ତନୁ ପାଣିଗ୍ରାହୀ, ସତ୍ୟନାଶ ମନୋରଞ୍ଜନ୍ ସାହୁ, ଡାକ୍ତର୍ ଆର୍ତ୍ତତ୍ରାଣ ମିଶ୍ର ଆର୍ ଗୁଣରଞ୍ଜନ ସାଲିମା ନିଜର୍ ନିଜର୍ ହାସ୍ୟ ବ୍ୟଙ୍ଗ କବିତା ପରିବେଷଣ୍ କରିଥିଲେ ।

ହୀରାକୁଦ୍- ଝାଡ଼ାବାନ୍ତି ଆର୍ଏନ୍ୟୁ/ସମ୍ବଲ୍ପୁର୍

ସମ୍ବଲପୁର ମହାନଗର୍ ନିଗମ୍ ଇଲାକାର୍ ହୀରାକୁଦ୍‌ନୁ ଝାଡ଼ାବାନ୍ତିଥି ଆକ୍ରାନ୍ତ ହେଇଥିବାର୍ ଶତାଧିକ ଲୁକ୍‌କର୍ ଚିକିତ୍ସା ଚାଲିଥିବାର୍ ବେଲେ ଗଲାକାଏଲ୍ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍‌ର ୨ ଝନିଆ ବିଶେଷଜ୍ଞ ଦଲ୍ ହୀରାକୁଦ୍ ପୁହୁଁଚିକରି ଥିତିର୍ ସମୀକ୍ଷା କରିଛନ୍ । ବିଶେଷଜ୍ଞ ଦଲ୍ ହୀରାକୁଦ୍ ଡାକ୍ତରଖାନା ନ ଭର୍ତିଥିବା ଆକ୍ରାନ୍ତମାନ୍‌କୁ ଦେଖିବାର୍ ସଙ୍ଗେ ଡାକ୍ତର୍‌ମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ । ସେଆଡ଼େ ହୀରାକୁଦ୍ ସହର୍‌ର ୪ ଟା ଜାଗା ନ ପାଏନ୍‌ର ନମୁନା ସଂଗ୍ରହ କରାଯାଇକରି ପରୀକ୍ଷାର୍ ଲାଗି ପଠାଯାଇଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ତାତି ବଢୁଥିବାର୍ ବେଲେ ଗଲାକାଏଲ୍ ଭିଲ୍ ବଲାଙ୍ଗିର୍ ନ ଦିନର୍ ସବୁନୁ ଜହ ତାତି ୩୮ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ ହେଇଛେ । ଇତାର୍‌ସଙ୍ଗେ ଦେବ୍‌ଗଡ଼୍‌କେ ଛାଡ଼ିକରି ପଶ୍ଚିମ ଓଡ଼ିଶାର୍ ସବୁ ଜାଗା ନ ଗଲାକାଏଲ୍ ପାରା ୩୫ ଡିଗ୍ରୀ ଉପ୍‌ରେ ଥିଲା । ଆଏବା ୪ ଦିନ୍ ଭିତ୍‌ରେ

ଦିନ୍‌ବେଲାର୍ ତାତି ତାପମାତ୍ରା ୩ ନୁ ୫ ଡିଗ୍ରୀ ଆର୍ ରାଏତ୍‌ବେଲାର୍ ତାତି ୨ / ୩ ଡିଗ୍ରୀତକ୍ ବଢ଼ିପାରେ ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୭ ତାରିଖ୍ ବେଲ୍‌କେ ଝାର୍‌ସୁଗୁଡ଼ା, ସୁବର୍ଣ୍ଣପୁର୍, ବଲାଙ୍ଗିର୍ ଆର୍ କଲାହାଣ୍ଡି ଜିଲ୍ଲା ନ ଦିନର୍ ସବୁନୁ ଜହ ତାତି ୪୦ ଡିଗ୍ରୀ ଉପର୍‌କେ ହେବାର୍ ସମ୍ଭାବନା ରହିଛେ ।

ସେଆଡ଼େ ଆଏଜ୍‌ଠାନୁ ଆଏବା କାଏଲ୍ ସଖାଲ୍‌ତକ୍ ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ବର୍‌ଗଡ଼୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍ ସହେତେ ରାଜ୍ୟର୍ ଆଉ କେତେ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଘଡ଼୍‌ଘଡ଼ି ସାଙ୍ଗେ ହଲ୍‌କା ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।